The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 02 | Issue: 04 | Dec - Feb, 2026 | ISSN: 3048-9660 (Online) | www.thebrahmi.com

# "ଶ୍ରୀଜଗନ୍ନାଥାଷ୍ଟକମ୍"

## ଓଡ଼ିଆ ପଦ୍ୟାନୁବାଦ - ପ୍ରଫେସର ଡଃ. ସଦାଶିବ ପ୍ରହରାଜ

**କଦାଚିତ୍ କାଳିନ୍ଦୀ-ତଟବିପିନ-ସଙ୍ଗୀତକରବୋ**
**ମୁଦାଭୀରୀ-ନାରୀବଦନ-କମଳା ସ୍ୱାଦ–ମଧୁପଃ**
**ରମା-ଶମ୍ଭୁ-ବ୍ରହ୍ମାସୁରପତି ଗଣେଶାର୍ଚ୍ଚିତପଦୋ**
**ଜଗନ୍ନାଥଃ ସ୍ୱାମୀ ନୟନ-ପଥଗାମୀ ଭବତୁ ମେ । (୧)**
(ଶ୍ରୀକୃଷ୍ଣ ରୂପରେ ଯମୁନା ତଟର ବନରେ ବଂଶୀବାଦନ,
ଆନନ୍ଦେ କରିଣ ଗୋପୀ -ମୁଖପଦ୍ମ କରିଅଛ ସୁଧାପାନ ।
ରମା-ଶିବ-ବ୍ରହ୍ମା ବାସବ ଗଣେଶ ପୂଜନ୍ତି ପଦ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)
**ଭୁଜେ ସବ୍ୟେ ବେଣୁଂ ଶିରସି ଶିଖିପୁଚ୍ଛଂ କଟିତଟେ**
**ଦୁକୂଳଂ ନେତ୍ରାନ୍ତେ ସହଚରକଟାକ୍ଷଂ ବିଦଧତେ**
**ସଦା ଶ୍ରୀମଦ୍ ବୃନ୍ଦାବନ-ବସତି ଲୀଳା-ପରିଚୟୋ**
**ଜଗନ୍ନାଥଃ ସ୍ୱାମୀ ନୟନ-ପଥଗାମୀ ଭବତୁ ମେ । (୨)**
(ବାମ ହସ୍ତେ ବଂଶୀ ଶିରେ ଶିଖିପୁଚ୍ଛ କଟିଦେଶେ ପୀତାମ୍ବର,
ସହଚର ଗଣେ କହୁଥିଲ ପ୍ରଭୁ ସଙ୍କେତରେ ନୟନର ।
ଶ୍ରୀବୃନ୍ଦାବନର ବାସ ଆଉ ଲୀଳା ଅତ୍ୟନ୍ତ ପ୍ରିୟ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)
**ମହାମ୍ଭୋଧେସ୍ତୀରେ କନକ ରୁଚିରେ ନୀଳ ଶିଖରେ**
**ବସନ୍ ପ୍ରାସାଦାନ୍ତେ ସହଜ ବଳଭଦ୍ରେଣ ବଳିନା**
**ସୁଭଦ୍ରା ମଧ୍ୟସ୍ଥଃ ସକଳ ସୁରସେବାବସରଦୋ**
**ଜଗନ୍ନାଥଃ ସ୍ୱାମୀ ନୟନ-ପଥଗାମୀ ଭବତୁ ମେ । (୩)**
(ମହୋଦଧି ତୀରେ କନକ ବରନ ଶ୍ରୀନୀଳଗିରି-ଶିଖରେ,
ମନ୍ଦିରେ ବସିଛ ମହାବଳୀ ଭ୍ରାତା ବଳଭଦ୍ର ସହିତରେ ।
ମଧ୍ୟରେ ସୁଭଦ୍ରା, ସକଳ ଦେବଙ୍କୁ ଦିଅ ସେବା ଅବସର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)
**କୃପାପାରାବାରଃ ସଜଳଜଳଦ-ଶ୍ରେଣୀରୁଚିରୋ**
**ରମାବାଣୀ ରାମଃ ସ୍ଫୁରଦମଳ ପଦ୍ମେକ୍ଷଣ ମୁଖୈଃ**
**ସୁରେନ୍ଦ୍ରୈରାରାଧ୍ୟଃ ଶ୍ରୁତି ଗଣଶିଖା ଗୀତଚରିତୋ**
**ଜଗନ୍ନାଥଃ ସ୍ୱାମୀ ନୟନ-ପଥଗାମୀ ଭବତୁ ମେ । (୪)**
(କୃପାସିନ୍ଧୁ ପ୍ରଭୁ ସଜଳ ଜଳଦ-ସମ ଶ୍ରୀଅଙ୍ଗର ବର୍ଣ୍ଣ,
ରମା-ବାଣୀ-ରତ ପ୍ରଫୁଲ୍ଲ-କମଳ -ତୁଲ୍ୟ ନୟନ ବଦନ ।

ସୁରେଶାଦି-ବନ୍ଦ୍ୟ ଉପନିଷଦଟି ଘୋଷଇ କୀର୍ତ୍ତି ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ରଥାରୂଢୋ ଗଚ୍ଛନ୍ ପଥିମିଳିତ ଭୂଦେବପଟଳୈଃ**
**ସ୍ତୁତି ପ୍ରାଦୁର୍ଭାବଂ ପ୍ରତିପଦମୁପାକର୍ଣ୍ୟ ସଦୟଃ**
**ଦୟାସିନ୍ଧୁର୍ବନ୍ଧୁଃ ସକଳଜଗତାଂ ସିନ୍ଧୁ-ସୁତୟା**
**ଜଗନ୍ନାଥଃ ସ୍ୱାମୀ ନୟନ-ପଥଗାମୀ ଭବତୁ ମେ । (୫)**

(ରଥରେ ଆରୋହି ବଡ଼ଦାଣ୍ଡେ ପ୍ରଭୁ ଯେତେବେଳେ ତୁମ୍ଭେ ଯାଅ,
ବ୍ରାହ୍ମଣମାନଙ୍କ ସ୍ତୁତି କର୍ଣ୍ଣେ ଶୁଣି ହୁଅ ଅତ୍ୟନ୍ତ ସଦୟ ।
ଆହେ କୃପାସିନ୍ଧୁ ଜଗତର ବନ୍ଧୁ ମହାଲକ୍ଷ୍ମୀ ସଙ୍ଗତର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ପରଂ ବ୍ରହ୍ମାପୀଡ଼ଃ କୁବଳୟଦଳୋତ୍ଫୁଲ୍ଲ-ନୟନୋ**
**ନିବାସୀ ନୀଳାଦ୍ରୌ ନିହିତ ଚରଣୋଽନନ୍ତ ଶିରସି**
**ରସାନନ୍ଦୀରାଧା ସରସବପୁରାଲିଙ୍ଗନ-ସୁଖୋ**
**ଜଗନ୍ନାଥଃ ସ୍ୱାମୀ ନୟନ-ପଥଗାମୀ ଭବତୁ ମେ । (୬)**

(ନିରାକାର ବ୍ରହ୍ମ ହୋଇ ସର୍ବ ପୂଜ୍ୟ ଉତ୍ପଳ ଦଳ ନୟନ,
ନୀଳଗିରି-ବାସୀ ଅନନ୍ତଙ୍କ ଶିରେ ସ୍ଥାପିଛ ପ୍ରଭୁ ଚରଣ ।
ଶ୍ରୀରାଧା ଦେବୀଙ୍କ ପ୍ରେମ ପୂର୍ବ ତନୁ ଆଲିଙ୍ଗନରେ ବିଭୋର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ନ ବୈ ପ୍ରାର୍ଥ୍ୟଂ ରାଜ୍ୟଂ ନ ଚ କନକ-ମାଣିକ୍ୟ-ବିଭବମ୍**
**ନ ଯାଚେଽହଂ ରମ୍ୟାଂ ସକଳ-ଜନକାମ୍ୟାଂ ବରବଧୂମ୍**
**ସଦାକାଳେ କାଳେ ପ୍ରମଥ-ପତିନା ଗୀତ-ଚରିତୋ ।**
**ଜଗନ୍ନାଥଃ ସ୍ୱାମୀ ନୟନ-ପଥଗାମୀ ଭବତୁ ମେ । (୭)**

(ମାଗେ ନାହିଁ ପ୍ରଭୁ ରାଜ୍ୟଟି ତୁମ୍ଭଙ୍କୁ ସ୍ୱର୍ଣ୍ଣ ଧନଧାନ୍ୟ ମଣି,
ମାଗେ ନାହିଁ ପ୍ରଭୁ ସର୍ବଜନକାମ୍ୟା ଅତି ସୁନ୍ଦର ରମଣୀ ।
ସଦାବେଳେ ପ୍ରଭୁ ଦେବ ମହେଶ୍ୱର ସ୍ତୁତି କରନ୍ତି ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

**ହରତ୍ୱଂ ସଂସାରଂ ଦ୍ରୁତତରମସାରଂ ସୁରପତେ**
**ହରତ୍ୱଂ ପାପାନାଂ ବିତତିମପରାଂ ଯାଦବପତେ**
**ଅହୋ ଦୀନନାଥୋ ନିହିତମଚଳଂ ନିଶ୍ଚିତ-ପଦମ୍**
**ଜଗନ୍ନାଥଃ ସ୍ୱାମୀ ନୟନ-ପଥଗାମୀ ଭବତୁ ମେ । (୮)**

(ଆହେ ସୁରବର ! ଶୀଘ୍ର ଦୂରକର ମୋର ଅସାର ସଂସାର,
ଆହେ ଯଦୁପତି ହର ମୋ ଝଟତି ବିରାଟ ପାପର ଭାର ।
ଦୀନ ଅନାଥକୁ ଦେଇଥାଅ ପ୍ରଭୁ ମୋକ୍ଷ ସଂପଦ ତୁମ୍ଭର,
ପ୍ରଭୁ ଜଗନ୍ନାଥ ନୟନର ପଥେ ଗୋଚର ହୁଅନ୍ତୁ ମୋର ।)

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 02 | Issue: 04 | Dec - Feb, 2026 | ISSN: 3048-9660 (Online) | www.thebrahmi.com

**ଜଗନ୍ନାଥାଷ୍ଟକଂ ପୁଣ୍ୟଂ ଯଃ ପଠେତ୍ ପ୍ରୟତଃ ଶୁଚିଃ**
**ସର୍ବପାପ ବିଶୁଦ୍ଧାତ୍ମା ବିଷ୍ଣୁଲୋକଂ ସ ଗଚ୍ଛତି ।**
**ଇତିଶ୍ରୀ ଶଙ୍କରାଚାର୍ଯ୍ୟ-ପ୍ରଣୀତଂ**
**ଶ୍ରୀଜଗନ୍ନାଥାଷ୍ଟକଂ ସମ୍ପୂର୍ଣମ୍ ।**

(ଯେଉଁ ବ୍ୟକ୍ତି ସଂଯତ ଓ ପବିତ୍ର ମନରେ ସର୍ବଦା ଏହି ପୁଣ୍ୟଜନକ ଜଗନ୍ନାଥାଷ୍ଟକମ୍-ସ୍ତୋତ୍ର ପାଠ କରନ୍ତି,
ସେ ସମସ୍ତ ପାପରୁ ମୁକ୍ତ ହୋଇ ବିଷ୍ଣୁ ଲୋକକୁ ଗମନ କରନ୍ତି ।)

ଶ୍ରୀଜଗନ୍ନାଥାଷ୍ଟକ ସମାପ୍ତ ।

ଅବସରପ୍ରାପ୍ତ ସଂସ୍କୃତ ବିଭାଗାଧକ୍ଷ
ଗଙ୍ଗାଧର ମେହେର ମହାବିଦ୍ୟାଳୟ, ବୁଢ଼ାରଜା, ସମ୍ବଲପୁର

*****